# Meeting in Doha

August 31, 2021

## ଭାରତର ରାଷ୍ଟ୍ରଦୂତ ଏବଂ ତାଲିବାନ ପ୍ରତିନିଧୀଙ୍କ ମଧ୍ୟରେ ଦୋହାଠାରେ ବୈଠକ

**ଅଗଷ୍ଟ 31, 2021**

ଆଜି କତାରରେ ଭାରତର ରାଷ୍ଟ୍ରଦୂତ ଦୀପକ ମିତ୍ତଲ ଦୋହାଠାରେ ତାଲିବାନର ରାଜନୈତିକ କାର୍ଯ୍ୟାଳୟର ମୁଖ୍ୟ ଶେର ମହମ୍ମଦ ଅବ୍ବାସ ଷ୍ଟାନେକଜାଇଙ୍କୁ ଭେଟିଛନ୍ତି। ଏହି ବୈଠକ ତାଲିବାନ ପକ୍ଷର ଅନୁରୋଧ କ୍ରମେ ଦୋହାଠାରେ ଭାରତୀୟ ଦୂତାବାସରେ ଅନୁଷ୍ଠିତ ହୋଇଥିଲା।

2. ଆଫଗାନିସ୍ତାନରେ ଫସି ରହିଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା, ନିରାପତ୍ତା ଏବଂ ଶୀଘ୍ର ପ୍ରତ୍ୟାବର୍ତ୍ତନ ଉପରେ ଆଲୋଚନା କରାଯାଇଥିଲା। ଭାରତ ଯାତ୍ରା କରିବାକୁ ଇଚ୍ଛୁକ ଥିବା ଆଫଗାନିସ୍ତାନ ନାଗରିକ ବିଶେଷକରି ଅଳ୍ପସଂଖ୍ୟକ ସମୁଦାୟଙ୍କ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

3. ରାଷ୍ଟ୍ରଦୂତ ମିତ୍ତଲ ଭାରତର ଚିନ୍ତା ବ୍ୟକ୍ତ କରି କହିଥିଲେ ଯେ ଆଫଗାନିସ୍ତାନ ଭୂମିକୁ ଭାରତ ବିରୋଧୀ କାର୍ଯ୍ୟକଳାପ ତଥା ଆତଙ୍କବାଦ ପାଇଁ ବ୍ୟବହାର କରାଯିବା ଉଚିତ ନୁହେଁ।

4. ତାଲିବାନ ପ୍ରତିନିଧୀ ଭାରତର ରାଷ୍ଟ୍ରଦୂତଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏହି ସମସ୍ୟାଗୁଡିକର ସକରାତ୍ମକ ସମାଧାନ କରାଯିବ।

**ନୂଆଦିଲ୍ଲୀ**

**ଅଗଷ୍ଟ 31, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.